

ଶ୍ରାବଣ ମାସର ତୃତୀୟ ସୋମବାରରେ ଢେଙ୍କାନାଳସ୍ଥିତ କପିଳାସ ପୀଠରେ କାଉଡିଆ ଭକ୍ତଙ୍କ ଭିଡ।



ପୀଠ ପରିସରରେ ପଡିଥିବା ପ୍ଲାଷ୍ଟିକ ଡାଳ, ମାଟିପାତ୍ର।

## ସଂକ୍ଷେପରେ

### କାଉଡିଆମୟ କପିଳାସ

### ହରହର ମହାଦେବରେ କମ୍ପିଲା ପୀଠ

ଢେଙ୍କାନାଳ ଅଫିସ,୧।୮ - ଶ୍ରାବଣ ମାସ ତୃତୀୟ ସୋମବାରରେ ଢେଙ୍କାନାଳ ଜିଲା ତଥା ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାଜ୍ୟ ଏବଂ ଜିଲାର ବିଭିନ୍ନ ଅଞ୍ଚଳରୁ କାଉଡିଆ ଭକ୍ତମାନେ ପୀଠରେ ଜଳଲାଗି କରି ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ଓ ମା' ପାର୍ବତୀଙ୍କୁ ଦର୍ଶନ କରିଥିଲେ। ଭିଡ଼ ଯୋଗୁ ଲମ୍ବା ଧାଡ଼ିରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିଥିଲେ। ହରହର ମହାଦେବ ଧ୍ୱନିରେ ପୀଠ କମ୍ପି ଉଠିଥିଲା। ଜଳଲାଗି ପାଇଁ ରବିବାର ଅପରାହ୍ନ ୪ଟାରୁ କପିଳାସକୁ ବିଭିନ୍ନ ଆଡୁ ଯାଇଥିବା ରାସ୍ତାରେ ବହୁ ସଂଖ୍ୟାରେ କାଉଡିଆଙ୍କୁ ଦେଖିବାକୁ ମିଳିଥିଲା। ଅଧିକାଂଶ ଶ୍ରଦ୍ଧାଳୁ ବ୍ରାହ୍ମଣୀ ନଦୀର ବିଭିନ୍ନ ଘାଟରୁ ଜଳନେଇ କପିଳାସ ଅଭିମୁଖେ ଯାତ୍ରା କରିଥିଲେ। ରବିବାର ଅପରାହ୍ନରୁ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ପୀଠରେ ବହୁ ସଂଖ୍ୟାରେ ଭିଡ ଲାଗିଥିଲା। ପୀଠର ଗୋଟିଏ ପାର୍ଶ୍ୱରେ ଜଳଲାଗି ପରେ ପ୍ଲାଷ୍ଟିକ ଡାଳ ଓ ମାଟି ପାତ୍ର ଗଦାହୋଇ ପଡିଥିବା ଦେଖାଯାଇଥିଲା। ଚଳିତବର୍ଷ ଜଳଲାଗି ପାଇଁ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ମହିଳା ଓ ବାଳିକା ବାଳକମାନେ ପାଣିଭାର ଧରି କପିଳାସ ଅଭିମୁଖେ ଯାଉଥିବା ଦେଖାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲେ।

### ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା,୧।୮(ଡି.ଏନ.ଏ.)-ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ କିଆକଟା, ହଣ୍ଡପା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୯୫ ଲିଟର ମଦ ଜବତ ସହ ୪୪୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। କିଆକଟା ଥାନା ଭାଙ୍ଗମାଠିଆ ଗ୍ରାମର ରଞ୍ଜନ ମହାନ୍ତି, ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ଗ୍ରାମର ସବିତା ବେହେରା, ହଣ୍ଡପା ଗ୍ରାମର ଗଗନ ପରିଡାଙ୍କୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ ଅନିତା ଓଝା, ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

# ପୌର ପରିଷଦରେ ବିବାଦ ତୁଟିଲା

ଢେଙ୍କାନାଳ ଅଫିସ,୧।୮

- ଜିଲାପାଳଙ୍କ ହସ୍ତକ୍ଷେପ ପରେ ସମାଧାନ
- ବାହାର ଲୋକ ନିଷ୍ପତ୍ତିରେ ହସ୍ତକ୍ଷେପ କରିପାରିବେନି
- ରାଗରୁଷା ଛାଡ଼ି ସମସ୍ତେ ଏକାଠି ହୋଇଥିବାରୁ ଖୁସି-ପୌରାଧ୍ୟକ୍ଷା
- ସହରର ଉନ୍ନତି ପାଇଁ ମିଳିମିଶି କାମ କରିବୁ-ଉପାଧ୍ୟକ୍ଷ

ଭେଣ୍ଡିଂ ଜୋନ୍ ଆବଣ୍ଟନକୁ ନେଇ ଢେଙ୍କାନାଳ ପୌରସଂସ୍ଥାରେ ଗତ ଶନିବାରଠାରୁ ବିଜେଡି-ଭାଜପା କାଉନସିଲରଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ସୋମବାର ତୁଟିଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ହସ୍ତକ୍ଷେପ ବଳରେ ସମସ୍ୟାର ସମାଧାନ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଭେଣ୍ଡିଂ ଜୋନ୍ ଆବଣ୍ଟନକୁ କେନ୍ଦ୍ରକରି ବିଜେଡି ଓ ଭାଜପା କାଉନସିଲରଙ୍କ ମଧ୍ୟରେ ଶନିବାର ଆରୋପ, ପ୍ରତ୍ୟାରୋପ, ଗାଳିଗୁଲଜ ପରେ ଧସ୍ତାଧସ୍ତି ଯାଏ କଥା ଯାଇଥିଲା। ଏପରି କି ଶନିବାର ଠାରୁ ସୋମବାର ମଧ୍ୟରେ ଟାଉନ ଥାନାରେ ୬ଟି ମାମଲା ରୁଜୁ ହୋଇଥିଲା। ଫଳରେ ପୌରସଂସ୍ଥାରେ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୋମବାର ଜିଲାପାଳ ସେଠୀ ପୌରସଂସ୍ଥା ସମ୍ମିଳନୀ କକ୍ଷରେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସମେତ ସମସ୍ତ କାଉନସିଲରଙ୍କୁ ଡାକି ଆଲୋଚନା କରିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମିଳାମିଶା ହୋଇ ବିବାଦ ତୁଟିଥିଲା। ସହରର ଉନ୍ନତୀକରଣ ପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବୈଠକ ପରେ ଗଣମାଧ୍ୟମକୁ ଜିଲାପାଳ କହିଲେ ଯେ, କାଉନସିଲରମାନଙ୍କ ମଧ୍ୟରେ ମତଭେଦ ଓ ବୁଝାମଣାର ଅଭାବ ଥିଲା। ସେଗୁଡିକର ସମାଧାନ ହୋଇଛି। କାଉନସିଲ ବୈଠକରେ ଆଲୋଚନା ମାଧ୍ୟମରେ ସମସ୍ତ କାର୍ଯ୍ୟ କରାଯିବ। ଏଥିପାଇଁ କମିଟି ଗଠନ ହେବ। ନିର୍ବାହୀ ଅଧିକାରୀ କାର୍ଯ୍ୟଗୁଡିକ ସମ୍ପର୍କରେ ଫାଇଲରେ ଲେଖି ପୌରାଧ୍ୟକ୍ଷାଙ୍କୁ ଜଣାଇବେ। କାଉନସିଲ ବୈଠକର ଭିଡିଓଗ୍ରାଫି ହେବ। ପୌରସଂସ୍ଥା କାର୍ଯ୍ୟାଳୟ ଜନସାଧାରଣଙ୍କ ସେବା ପାଇଁ ହୋଇଥିବାରୁ ବାହାର ଲୋକ ବିଭିନ୍ନ କାର୍ଯ୍ୟରେ କାର୍ଯ୍ୟାଳୟକୁ ଆସିପାରିବେ। କିନ୍ତୁ କୌଣସି ନିଷ୍ପତ୍ତିରେ ହସ୍ତକ୍ଷେପ କରିପାରିବେ ନାହିଁ। ମହିଳା ପ୍ରତିନିଧିମାନେ ସଶକ୍ତ ହେଲେଣି। ସେମାନେ ସମସ୍ତ କାର୍ଯ୍ୟ ନିଜେ ବୁଝିଲେ, ନିୟମ ସମ୍ପର୍କରେ ଜାଣିପାରିବେ। ଏହି ଘଟଣାକୁ ନେଇ ଉଭୟ ପଟରୁ ଥାନାରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର କରାଯିବ। ସହରରେ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ। ଡିସେମ୍ବର ସୁଦ୍ଧା ବିଭିନ୍ନ ଛକ ଜାଗାରେ ଷ୍ଟାଚ୍ୟୁ ପ୍ରତିଷ୍ଠା ହେବ। ସହରବାସୀ ଏବଂ ସହରର ବିକାଶ ପାଇଁ ସମସ୍ତେ ଏକାଠି ହୋଇ ମିଳିମିଶି କାମ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଜାତୀୟସ୍ତରରେ ଯେପରି ଢେଙ୍କାନାଳ ପୌରସଂସ୍ଥା ପୁରସ୍କୃତ ହୋଇଥିଲା, ସେହିଭଳି ପୁରସ୍କୃତ ହେବା ପାଇଁ ଉଦ୍ୟମ ଜାରି ରହିବ ବୋଲି ଜିଲାପାଳ କହିଥିଲେ। ଏ ସଂକ୍ରାନ୍ତରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କହିଥିଲେ, ରାଗରୁଷାର ସମାଧାନ ହୋଇଛି। ଖୁସି ଲାଗିଲା। ସମସ୍ତେ ମିଳିମିଶି ସହରର ଉନ୍ନତି ପାଇଁ ଏକାଠି କାମ କରିବୁ। ଯେଉଁଠି ଯେଉଁ କାମ ହେବ, କାଉନସିଲ ବୈଠକରେ ଆଲୋଚନା କରାଯାଇ ସ୍ଥିର କରାଯିବ। ଭେଣ୍ଡିଂଜୋନ ପାଇଁ ସ୍ଥାନୀୟ ଅଞ୍ଚଳର ଉଠା ଦୋକାନୀମାନଙ୍କୁ ଅଗ୍ରାଧିକାର ଦିଆଯିବା ପରେ ଅନ୍ୟମାନଙ୍କ ପାଇଁ ବ୍ୟବସ୍ଥା କରାଯିବ। ଥାନାରେ ରୁଜୁ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର ହେବ। ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର କହିଥିଲେ, ୪ମାସ ଧରି ପୌର ପରିଷଦରେ ଅବ୍ୟବସ୍ଥା ଲାଗି ରହିଥିଲା। ଜିଲାପାଳଙ୍କ ହସ୍ତକ୍ଷେପ ପରେ ଏଣିକି ନିୟମ ଅନୁଯାୟୀ କାର୍ଯ୍ୟ ହେବ। ସହରର ଉନ୍ନତି ଓ ବିକାଶ ପାଇଁ ଆମେ ସମସ୍ତେ ମିଳିମିଶି କାମ କରିବୁ। ସୂଚନାଯୋଗ୍ୟ, ଶନିବାର ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ୨ନଂ ୱାର୍ଡରେ ଭେଣ୍ଡିଂ ଜୋନ୍ ଆବଣ୍ଟନ ପାଇଁ ହୋଇଥିବା ବିବାଦକୁ ନେଇ ଉପାଧ୍ୟକ୍ଷ ତଥା ବିଜେଡି ନେତା ପ୍ରଥମେ ୪ଜଣଙ୍କ ନାମରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ରବିବାର ଭାଜପାର ଦୁଇଜଣ ସମର୍ଥକ ବିଜେଡିର ୩ନଂ ୱାର୍ଡ କାଉନସିଲରଙ୍କ ନାମରେ ଏକ ଅଭିଯୋଗ କରିଥିଲେ। ସେହିପରି ସୋମବାର ପୌରାଧ୍ୟକ୍ଷା ନିଜ ସ୍ୱାମୀ ଭାଜପା ନେତା ରାମଚନ୍ଦ୍ର ପାତ୍ରଙ୍କ ସହ ଟାଉନ ଥାନାକୁ ଯାଇ ଉପାଧ୍ୟକ୍ଷ ତଥା ବିଜେଡି ନେତା ପ୍ରକାଶଚନ୍ଦ୍ର କୁଅଁରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ମଧ୍ୟାହ୍ନରେ ବିଜେଡିର ୨ନଂ କାଉନସିଲର ଦୀପ୍ତିରଞ୍ଜନ ସେଠୀ ଓ ୨୩ନଂ କାଉନସିଲର ବ୍ରହ୍ମାନନ୍ଦ ମଲ୍ଲିକ, ପୌରାଧ୍ୟକ୍ଷାଙ୍କ ବିରୋଧରେ ଟାଉନ ଥାନାରେ ଅଭିଯୋଗ କରିଥିଲେ।



ପୌରସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ ପରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ସହ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ଓ ଉଭୟ ଦଳର କାଉନସିଲରମାନେ।

### ଛିନ୍‌ତାଇ ଅଭିଯୋଗରେ ଜଣେ ଗିରଫ

ଅନୁଗୋଳ ଅଫିସ, ୧।୮

ଅନୁଗୋଳ ସହର ସହ ଅନ୍ୟ ଥାନା ଅଞ୍ଚଳରେ ଚେନ୍ ଛିନତାଇ କରି ପୋଲିସର ନିଦ ହଜାଇ ଦେଇଥିବା ଗଞ୍ଜାମ ଜିଲା ଗଙ୍ଗପୁର ଥାନା ମାଧବରିଡ଼ ଅଞ୍ଚଳର ଶ୍ରୀନିବାସ ଖଣ୍ଡଆଲ(୪୭)ଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅନୁଗୋଳସ୍ଥିତ ଅମଲାପଡ଼ା ୬ଷ୍ଠ ଲେନ୍‌ରେ ରହୁଥିବା ଶ୍ରୀନିବାସ ଅନୁଗୋଳକୁ ୯ରୁ ୧୦ ମାସ ମଧ୍ୟରେ ଆସି ବିଭିନ୍ନ ସ୍ଥାନରୁ ଛିନତାଇ କରିଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ଏସ୍ଆଇ ଅବଦୁଲ ୱାସିମ୍ ଖାନ୍ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଶ୍ରୀନିବାସ ଅନୁଗୋଳ ଓ ତାଳଚେର ଥାନାରେ ଗୋଟିଏ ଲେଖାଏ ମାମଲାରେ ସମ୍ପୃକ୍ତି ଥିବା ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ କହିଛି, ଶ୍ରୀନିବାସ ଅନୁଗୋଳ ଆସିବା ପରେ ଡିଆସି ଛକରେ ଏକ ସାଉଥ ଇଣ୍ଡିଆନ୍ ହୋଟେଲ କରିଥିଲା। କିନ୍ତୁ ସୁନା ଚେନ୍ ଛିନତାଇ କରିବା ତାଙ୍କର ପ୍ରଧାନ କାର୍ଯ୍ୟ ଥିଲା। ପୋଲିସ ଟ୍ରେନିଂ କଲେଜ ନିକଟ ଗୀତାଗ୍ରାମର ଭାରତୀ ନାଥଙ୍କ ଅଭିଯୋଗକ୍ରମେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ସହ ଅନ୍ୟ କେଉଁମାନେ ସାମିଲ ରହିଛନ୍ତି, ତାହାର ତଦନ୍ତ ଚାଲିଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି।

### ଯୁବତୀ ନିଖୋଜ ଅଭିଯୋଗ

ବଁଅରପାଳ,୧।୮(ଡି.ଏନ.ଏ.)

ନାଲ୍‌କୋ ଥାନା ଅଞ୍ଚଳରୁ ଜଣେ ଯୁବତୀ ରବିବାର ରାତିରୁ କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ତାଙ୍କର ଏପର୍ଯ୍ୟନ୍ତ ସନ୍ଧାନ ମିଳିପାରି ନାହିଁ। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ କେସ୍ ନଂ. ୧୭୨/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

ବଇଣ୍ଡା, ୧।୮ (ଡି.ଏନ.ଏ.)

ନୂତନ ଶିକ୍ଷା ପଦ୍ଧତି ଅବଲମ୍ବନ କରି ଛାତ୍ରୀଛାତ୍ରମାନେ କିପରି ଭବିଷ୍ୟତ ଗଢ଼ିପାରିବେ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ସୋମବାର କିଶୋରନଗର ଡିଗ୍ରୀ କଲେଜର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ ସଭାରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ଯୋଗଦେଇ ମତପ୍ରକାଶ କରିଛନ୍ତି। ୧୫ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମିତ ଏହି ଶ୍ରେଣୀଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗ ଦେଇ ସରକାର ଶିକ୍ଷାର ପ୍ରସାର ପାଇଁ ବହୁ ଯୋଜନା କରିଥିବାରୁ ସମସ୍ତ ଛାତ୍ରୀଛାତ୍ର ଭଲ ପାଠ ପଢି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସିଇଓ ଡ. ଅଜିତ କୁମାର ମିଶ୍ର, କିଶୋରନଗର ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ, ତହସିଲଦାର ଶାନ୍ତି ସ୍ୱରୂପା ମିଶ୍ର, ପ୍ରମୁଖ ଯୋଗଦେଇଥିଲେ। ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବଇଣ୍ଡା ଜନତା ମହାବିଦ୍ୟାଳୟ, କିଶୋରନଗର ଯୁକ୍ତ ୨ କଲେଜ ଓ କିଶୋରନଗର ଡିଗ୍ରୀ କଲେଜ ସହ ୧୩ ହାଇସ୍କୁଲକୁ ଜମି ପଟ୍ଟା ବଣ୍ଟନ କରାଯାଇଥିଲା।



ନୂତନ ଶ୍ରେଣୀଗୃହକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# 'ପର୍ଯ୍ୟାୟକ୍ରମେ ବିକାଶମୂଳକ କାର୍ଯ୍ୟ କରାଯିବ'



ନୂତନ ପ୍ରେକ୍ଷା ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ଆଠମଲ୍ଲିକ, ୧।୮ (ଡି.ଏନ.ଏ.)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ସୋମବାର ଆଠମଲ୍ଲିକ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜଣାପଡିଛି। ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ ପାଣ୍ଠିରୁ ୬କୋଟି ବ୍ୟୟରେ ନିର୍ମାଣ ହେବାକୁ ଥିବା ନୂତନ ପ୍ରେକ୍ଷା ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ପର୍ଯ୍ୟାୟ କ୍ରମେ ଆଠମଲ୍ଲିକ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ କୁମାର ମିଶ୍ର, ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ମନଜୋର ଡ୍ୟାମ୍ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସହରସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅଧ୍ୟକ୍ଷ ତ୍ରିପାଠୀ ପହଞ୍ଚିବା ପରେ ସେଠାରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ତତ୍‌ସହିତ ବିଜେଡିର ଦଳୀୟ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ପୂର୍ତ୍ତ ସଚିବ ନଳିନୀ କାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବହୁ ସଙ୍ଗଠନର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଠମଲ୍ଲିକ ଓ କିଶୋରନଗର ବ୍ଲକର ବହୁ ସମର୍ଥକ ସ୍ୱାଗତ କରିଥିଲେ। ଓକିଲ ସଂଘ, ଆଠମଲ୍ଲିକ ସାମ୍ବାଦିକ ସଂଘ ତରଫରୁ ମଧ୍ୟ ସମ୍ମାନିତ କରାଯାଇଥିଲା।

# ଉଦ୍ୟାନର ଶିଳାନ୍ୟାସ ଉତ୍ସବ




ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ମାଧପୁର, ୧।୮

ଆଠମଲ୍ଲିକ ବ୍ଲକ ମାଧପୁର ନିକଟ ମାନଯୋର ଡ୍ୟାମ୍‌ଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଦୁଇ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ପାର୍କର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଠାରେ ପର୍ଯ୍ୟଟନ ଶିଳ୍ପର ସମ୍ଭାର ରହିଥିବାରୁ ଏହାକୁ ଆଗେଇ ନେବାପାଇଁ ସମସ୍ତ ସହଯୋଗ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଅଜିତ କୁମାର ମିଶ୍ର, ମାନଯୋର ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌଦାମିନୀ ବାଙ୍କିରା, ସହକାରୀ ଯନ୍ତ୍ରୀ ମୁନିରଞ୍ଜନ କିଷାନ, ରୁଷି ଧନବାର, କନିଷ୍ଠ ଯନ୍ତ୍ରୀ ଗୌରୀଶଙ୍କର ସାନେ ପ୍ରମୁଖଙ୍କ ସହିତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଠାରେ ଏକ ଗୋଲାପ ବଗିଚା କରିବା ପାଇଁ ଭିତ୍ତିଭୂମି ପରିଦର୍ଶନ କରିଥିଲେ, ଯାହା ସଫଳ ହେବାକୁ ଯାଉଥିବାରୁ ଜନସାଧାରଣ ଖୁସିବ୍ୟକ୍ତ କରିଛନ୍ତି।

**ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପରଲୋକ**

ବଇଣ୍ଡା,୧୮: ଆଠମଲ୍ଲିକ ବ୍ଲକ ଜାମୁଦୋଲି ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଜାମୁଦୋଲି ଗ୍ରାମର ଅଲେଖ ନାୟକଙ୍କ ସୋମବାର ପରଲୋକ ହୋଇଯାଇଛି। ସେ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ସୋମବାର ବୌଦ୍ଧ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଜାମୁଦୋଲି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭୀମସେନ ମାଝିଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଅଲେଖଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ଆଠମଲ୍ଲିକ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଦୋଳପଡ଼ିଆଠାରେ ପଡ଼ିଥିବା ମୀନାବଜାରର ମଜା ଉଠାଉଛନ୍ତି ସହରବାସୀ।

# 'ଉନ୍ନୟନ କାର୍ଯ୍ୟ ଶୀଘ୍ର ଶେଷ କର'

ବଇଣ୍ଡା, ୧୮ (ଡି.ଏନ.ଏ.)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ପାଣ୍ଠିରୁ ବହୁ ଅର୍ଥ ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ବିକାଶ ପାଇଁ ଖର୍ଚ୍ଚ କରାଯାଉଛି। ଉକ୍ତ ପାଣ୍ଠିରୁ ଆସୁଥିବା ସମସ୍ତ ଅର୍ଥ କିପରି ଠିକ୍ ଭାବେ କାର୍ଯ୍ୟରେ ଲାଗିବ ଓ ଉନ୍ନୟନ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସୋମବାର କିଶୋରନଗର ବ୍ଲକ ସଭାଗୃହ ପରିସରରେ ପଶ୍ଚିମ ଓଡ଼ିଶା ପରିଷଦର ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ପରାମର୍ଶ ଦେଇଛନ୍ତି। ଏଥିରେ ଜିଲାର ବିଭିନ୍ନ ବିଭାଗରେ ଖର୍ଚ୍ଚ ହେଉଥିବା ଅନୁଦାନଗୁଡ଼ିକର ସମୀକ୍ଷା କରାଯାଇଥିଲା।




ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସିଇଓ ଡ. ଅଜିତ କୁମାର ମିଶ୍ର, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ପିଡି ଦିଲୀପ କୁମାର ସାହୁ, କିଶୋରନଗର ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ, ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ, ସିଡିଏମ୍‌ଓ ଡା. ତ୍ରିଲୋଚନ ପ୍ରଧାନଙ୍କ ସମେତ ବହୁ ଅଧିକାରୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ନୂତନ ଡାକ୍ତରଙ୍କ ଯୋଗଦାନ

ବଇଣ୍ଡା,୧୮ (ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ଧରି ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଡାକ୍ତର ନିଯୁକ୍ତି ଦିଆଯିବା ପରେ ସୋମବାର ନୂଆ ଡାକ୍ତର ଭାବେ ଓଁକାର ନାଥ ସ୍ୱାଇଁ ଯୋଗ ଦେଇଛନ୍ତି। ତାଙ୍କୁ କମ୍ପାଉଣ୍ଡର ବାମଦେବ ପ୍ରଧାନ, ମେଡିକାଲ କର୍ମଚାରୀ ଦୁଷ୍ମନ୍ତ ଦେହୁରୀ, ଷ୍ଟାଫନର୍ସ ମନୀଷା ତ୍ରିପାଠୀ, ସରୋଜ ସାହୁ, ସୁରକ୍ଷା କର୍ମୀ ଶଶୀଭୂଷଣ ପ୍ରଧାନ, ଶରତ ମିଶ୍ର ପ୍ରମୁଖ ସ୍ୱାଗତ କରିଥିଲେ। ଲୋକଙ୍କୁ କିଭଳି ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିବ ସେ ସମ୍ପର୍କରେ ଅଧିକ ଗୁରୁତ୍ୱ ଦେବି ବୋଲି ଡାକ୍ତର ସ୍ୱାଇଁ ପ୍ରକାଶ କରିଛନ୍ତି। ନୂତନ ଡାକ୍ତର ନିଯୁକ୍ତି କରାଯାଇଥିବାରୁ ବଇଣ୍ଡା ଗ୍ରାମବାସୀ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ଧନ୍ୟବାଦ ଦେଇଛନ୍ତି।



### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଛେଣ୍ଡିପଦା,୧୮(ନି.ପ୍ର.)- ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ଖମାର ଗ୍ରାମ ବଡବନ୍ଧ ନିକଟସ୍ଥ ଏକ ଆମ୍ବ ଗଛରୁ ସୋମବାର ଖମାର ଗ୍ରାମର ଲମ୍ବୋଦର ବେହେରା(୫୧)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଘଟଣାରୁ ଜଣାପଡ଼ିଛି, ଲମ୍ବୋଦରଙ୍କ ପରିବାର ମଧ୍ୟରେ କୌଣସି ଏକ କାରଣକୁ ନେଇ ଝଗଡା ହୋଇଥିଲା। ଫଳରେ ଲମ୍ବୋଦର ଘରୁ ରାଗି ରବିବାର ସକାଳେ କେଉଁଆଡେ ପଳାଇ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସୋମବାର ସକାଳେ ଗ୍ରାମର କେତେଜଣ ଯୁବକ ଆମ୍ବ ଗଛରେ ଲମ୍ବୋଦରଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଘଟଣାସ୍ଥଳରେ ବାଗଡିଆ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ତୃଷାରେ ରହୁଛନ୍ତି ତୃଷାର୍ତ୍ତ



ବଇଣ୍ଡା, ୧୮ (ଡି.ଏନ.ଏ.)

- ଅଚଳ ପଡ଼ିଛି ପାନୀୟ ଜଳ ପ୍ରକଳ୍ପ
- ହନ୍ତସନ୍ତ ହେଉଛନ୍ତି ବାଟୋଇ, ଛାତ୍ରୀଛାତ୍ର
- ଆଠମଲ୍ଲିକ ବ୍ଲକ କୁରୁମଟାପରେ ବଢ଼ୁଛି ଅସନ୍ତୋଷ

ବାଟରେ ଯାଉଥିବା ବାଟୋଇଙ୍କ ଶୋଷ ମେଣ୍ଟିବ। ଥଣ୍ଡା ପାଣି ମୁନ୍ଦେ ମୁହଁରେ ଦେଇ ସେମାନେ ଥକା ମାରିବେ। ବିଶେଷକରି ଗ୍ରୀଷ୍ମଋତୁରେ ଏହା ପଥିକ, ଶ୍ରମିକଙ୍କୁ ତାତିରୁ କିଛିଟା ତ୍ରାହି ଦେଇପାରିବ। ଏହି ଉଦ୍ଦେଶ୍ୟରେ ସରକାରୀ ଅର୍ଥ ବ୍ୟୟରେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତ ନିକଟରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ହେଲେ ବର୍ଷ କେଇଟା ମଧ୍ୟରେ ଏହା ବାରମ୍ବାର ଅଚଳ ହେଉଥିବାରୁ ତୃଷାର୍ତ୍ତଙ୍କ ତୃଷା ନିବାରଣରେ ସହାୟକ ହୋଇପାରୁ ନାହିଁ। ଏ ନେଇ ପଞ୍ଚାୟତର ମନ୍ଦରବାହାଲ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୨୦୧୬ ମସିହାରେ ପଞ୍ଚାୟତ ପକ୍ଷରୁ ୫ ଲକ୍ଷ ଟଙ୍କା ବିନିଯୋଗରେ ପଞ୍ଚାୟତ ନିକଟରେ ଏହି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଦେଇ ଯାଉଥିବା ବାଟୋଇ, ମନ୍ଦରବାହାଲ ହାଇସ୍କୁଲର ଛାତ୍ରୀଛାତ୍ର ଓ ନିକଟରେ ଥିବା ଗ୍ରାମଗୁଡିକର ଲୋକେ ଏହାଦ୍ୱାରା ବେଶ୍ ଉପକୃତ ହେଉଥିଲେ। ହେଲେ ଗତ ଜାନୁୟାରୀରୁ ଉକ୍ତ ପ୍ରକଳ୍ପରେ ଲାଗିଥିବା ସମସ୍ତ ପାଇପ୍ ଭାଙ୍ଗିଯାଇଛି। ଫ୍ରିଜର ଅଚଳ ହୋଇଯାଇଥିବାରୁ ପୂରା ପ୍ରକଳ୍ପ ଠପ୍ ହୋଇଯାଇଛି। ଅତି ନିମ୍ନମାନର ଯନ୍ତ୍ରାଂଶ ଲଗାଯାଇଥିବା ଯୋଗୁ ଏହା ବାରମ୍ବାର ଅଚଳ ହୋଇପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଥଣ୍ଡା ପାଣି ଟୋପେ ପିଇବାକୁ ମିଳୁନାହିଁ। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଯାତାୟାତ କରୁଥିବାବେଳେ ସେମାନେ ପ୍ରକଳ୍ପ ନିକଟରେ ଅଟକି ପାଣି ଖୋଜୁଛନ୍ତି। ଏହା ଅଚଳ ହୋଇଥିବା ଜାଣିବା ପରେ ନିରାଶାବ୍ୟକ୍ତ କରୁଛନ୍ତି। ଉକ୍ତ ପ୍ରକଳ୍ପ ମରାମତି କରିବା ପାଇଁ ମନ୍ଦରବାହାଲ ଗ୍ରାମବାସୀ ବହୁବାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଜଳ ଯୋଗାଣ ବିଭାଗ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଚଳ ପ୍ରକଳ୍ପକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଆଠମଲ୍ଲିକ ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, ଉକ୍ତ ପ୍ରକଳ୍ପ ପଞ୍ଚାୟତ ପକ୍ଷରୁ ନିର୍ମାଣ କରାଯାଇଛି। ତେଣୁ ମରାମତି ମଧ୍ୟ ପଞ୍ଚାୟତ କରିବ। କୁରୁମଟାପ ସରପଞ୍ଚ ଶାନ୍ତିଲତା ପ୍ରଧାନ କହିଛନ୍ତି, ପ୍ରକଳ୍ପଟି ପୂର୍ବରୁ ଅଚଳ ଥିଲା। ମରାମତି ମଧ୍ୟ କରାଯାଇଥିଲା। ପୁଣି ଟ୍ୟାପଗୁଡିକ ଭାଙ୍ଗିଯାଇଛି। ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବ।

**ନିମ୍ନମାନର ସାମଗ୍ରୀ ବ୍ୟବହାର**



" ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ବାରମ୍ବାର ଅଚଳ ହୋଇପଡୁଥିଲେ ମଧ୍ୟ ଠିକ୍ ସମୟରେ ମରାମତି କରାଯାଉନାହିଁ। ଜଳ ଯୋଗାଣ ବିଭାଗକୁ ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ନିମ୍ନମାନର ସାମଗ୍ରୀ ଲଗାଯାଉଥିବା ଯୋଗୁ କିଛି ଦିନ ପରେ ପୁଣି ଅଚଳ ହୋଇଯାଉଛି।

-ଚକ୍ରଧର ରାଉଳ, ବରପାଲି

**ଟ୍ୟାପଗୁଡ଼ିକ ମରାମତି ହେଉନି**



" ପ୍ରକଳ୍ପ ଅଚଳ ଯୋଗୁ ପାଣି ନ ପାଇ ବାଟୋଇ ହନ୍ତସନ୍ତ ହେଉଛନ୍ତି। ପ୍ରକଳ୍ପରେ ଲାଗିଥିବା ସମସ୍ତ ଟ୍ୟାପ ଭାଙ୍ଗିଯାଇଥିବାବେଳେ ତାହା ମରାମତି କରାଯାଉନାହିଁ। ଏହି ପ୍ରକଳ୍ପରୁ ନିକଟରେ ଥିବା ହାଇସ୍କୁଲର ଛାତ୍ରୀଛାତ୍ରମାନେ ପାଣି ପିଅନ୍ତି। ଏବେ ସେମାନେ ହଇରାଣ ହେଉଛନ୍ତି।

-ଅରୁଣ କୁମାର ସାହୁ, କୁରୁମଟାପ

**ପ୍ରକଳ୍ପ ଉଦ୍ଦେଶ୍ୟ ପୂରଣ ହେଉନି**



" ପ୍ରକଳ୍ପ ମରାମତି ନିମନ୍ତେ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ହେଲେ ଏ ଦିଗରେ ପଦକ୍ଷେପ ନେବାକୁ ଆଗ୍ରହ ପ୍ରକାଶ ପାଉନାହିଁ। ସରକାର ଯେଉଁ ଉଦ୍ଦେଶ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ତାହା କାମରେ ଆସୁନାହିଁ।

- ପ୍ରଶାନ୍ତ ସାହୁ, ମନ୍ଦରବାହାଲ

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବଇଣ୍ଡା,୧୮(ଡି.ଏନ.ଏ.)

କିଶୋରନଗର ବ୍ଲକ ଧଉରାପାଲି ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରୀତିନନ୍ଦା ଭଞ୍ଜଙ୍କୁ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବତ୍ ଡ. ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମୋ ସ୍କୁଲ ଅଭିଯାନ କମିଟି ସଭାପତି ରାମଚନ୍ଦ୍ର ଦେହୁରୀ, ଯୋଗଦେଇ ପ୍ରୀତିନନ୍ଦାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ମହେଶ୍ୱର ମେହେର, ଗୋବିନ୍ଦ ଚନ୍ଦ୍ର ଦାସ, ଅଶୋକ ପ୍ରଧାନ, ମିନତୀ ପ୍ରଧାନ, ସବିତା ବିଶ୍ୱାଳ, ଗୀତାଞ୍ଜଳି ପ୍ରଧାନ ଯୋଗଦେଇ ଶିକ୍ଷୟିତ୍ରୀ ପ୍ରୀତିନନ୍ଦାଙ୍କ ଶିକ୍ଷକତା ଜୀବନୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସୁଦାମ ଚରଣ ପ୍ରଧାନ, ସୁଜାତା ବିଶ୍ୱାଳ ପରିଚାଳନା କରିଥିଲେ।




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

# ଗୁରୁମା'ଙ୍କୁ ଅବସର ସମ୍ବର୍ଦ୍ଧନା

ଅନୁଗୋଳ ଅଫିସ, ୧୮

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବରିଷ୍ଠ ଆଚାର୍ଯ୍ୟା ନିର୍ମଳା ଦାଶଙ୍କୁ ବିଦ୍ୟାଳୟ ପକ୍ଷରୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ମହାପାତ୍ର, ଧନେଶ୍ୱର ନାଏକ, ଅଶୋକ କୁମାର ପ୍ରଧାନ, ସନ୍ତୋଷ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ମାନପତ୍ର, ପୁଷ୍ପଗୁଚ୍ଛ ଦ୍ୱାରା ଗୁରୁମାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିଶୁ ବାଟିକା ବିଭାଗରେ ଦୀର୍ଘ ୩୨ ବର୍ଷ ଧରି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ ସହିତ ଜଣେ କର୍ତ୍ତବ୍ୟନିଷ୍ଠ ଆଚାର୍ଯ୍ୟାରୂପେ ସେ ପରିଚିତ ଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ବିପ୍ର ଚରଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ଆଚାର୍ଯ୍ୟ କିରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମାଙ୍କ କାର୍ଯ୍ୟ କୌଶଳ ସମ୍ପର୍କରେ ଶୁକଦେବ ସାହୁ, ବୈଦ୍ୟନାଥ ସାମଲ, ମମତାମୟୀ ରାଉତ, ପ୍ରମୁଖ ନିଜ ମତାମତ ପ୍ରଦାନ କରିଥିଲେ।



ଅତିଥିମାନେ ଗୁରୁମା'ଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି।

# ପୂର୍ବାହ୍ନ ୮ଟା ୩୦ରେ ପତାକା ଉତ୍ତୋଳନ

ହିନ୍ଦୋଳ, ୧୮ (ଡି.ଏନ.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ତହସିଲ କାର୍ଯ୍ୟାଳୟ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଦିବସ ପାଳନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବା ଦୃଷ୍ଟିରୁ ସରକାରଙ୍କ ନିୟମାନୁଯାୟୀ ଚଳିତ ବର୍ଷ ୫୦ ଜଣଙ୍କ ଉପସ୍ଥିତି ମଧ୍ୟରେ କାର୍ଯ୍ୟକ୍ରମ କରାଯିବ ବୋଲି ଉପଜିଲାପାଳ ସୂଚନା ଦେଇଥିଲେ। ପୂର୍ବାହ୍ନ ୮ ଘଟିକା ସମୟରେ ମହକୁମାରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ୮ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ପରେଡ ଆଦି ନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। କେବଳ ସଫଳ ଚାଷୀ, କୃତୀ ଛାତ୍ରୀଛାତ୍ର, କଳାକାର ଏବଂ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରିବାକୁ ସ୍ଥିର ହୋଇଥିଲା। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗଜାନନ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ତହସିଲଦାର ସୁଶାନ୍ତ ମିଶ୍ର, ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ମିଶ୍ର, ଏସ୍‌ଡିପିଓ ଅଞ୍ଜନା ଟୁଡୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, ହିନ୍ଦୋଳ ଆଇଆଇସି ଚାରୁଲତା ବେହେରା, ଉପ ନିବନ୍ଧକ ସତ୍ୟାନନ୍ଦ ଦାସ, କୃଷି କର୍ମଚାରୀ ସମୀର ପଟ୍ଟନାୟକ, ଧରଣୀଧର ପାଲ, ପ୍ରଦୀପ ପଟ୍ଟନାୟକ, ରତିକାନ୍ତ ଗଡ଼ନାୟକ, ସୁବାସ ପାଳଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ସାମାଜିକ କର୍ମୀ ଯୋଗଦାନ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

ବଇଣ୍ଡା,୧୮(ଡି.ଏନ.ଏ.)

- ରାତିଅଧିଆ କରାଯାଇଛି ସ୍ଥାନାନ୍ତର
- ପ୍ରତିବାଦରେ ବ୍ଲକ ସମ୍ମୁଖରେ ବିକ୍ଷୋଭ
- ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚି ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଅସ୍ଥାୟୀ ଭାବେ ଚାଲିଥିବା ଠେଲକନାଳୀ ପଞ୍ଚାୟତ କାର୍ଯ୍ୟାଳୟକୁ ରାତିଅଧିଆ ସ୍ଥାନାନ୍ତରକୁ ନେଇ ସୋମବାର ଠେଲକନାଳୀ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଏହାର ପ୍ରତିବାଦ କରି ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ନାକିଚି ପଞ୍ଚାୟତରୁ ଅଲଗା ହୋଇ ୨୦୧୬-୨୦୧୭ ମସିହାରେ ଠେଲକନାଳୀ ନୂତନ ପଞ୍ଚାୟତ ଗଠନ କରାଯାଇଥିଲା। ୨୦୧୮ରେ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ନିର୍ମାଣ ବିଶିପାଲି ଗ୍ରାମରେ ଆରମ୍ଭ କରାଯାଇଥିବା ବେଳେ ଏହାକୁ ଠେଲକନାଳୀ ଗ୍ରାମବାସୀ ବିରୋଧ କରିଥିଲେ। ଠେଲକନାଳୀ ଗ୍ରାମରୁ ଦୀର୍ଘ ୭ କି.ମି. ଦୂର ଏକ ଜଙ୍ଗଲ ସ୍ଥାନରେ ଏହି କାର୍ଯ୍ୟାଳୟ ନିର୍ମାଣ କରାଯାଉଥିବାବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ହେଲେ ସେହି ସମୟରେ ନେତାଙ୍କ ଚାପ ଯୋଗୁ ପ୍ରଶାସନିକ ଅଧିକାରୀମାନେ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ବିଶିପାଲିରେ ତରବରିଆ ଭାବେ ନିର୍ମାଣ କରିଥିଲେ। ପରେ ଗ୍ରାମର ଜଣେ ବ୍ୟକ୍ତି ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ୨୦୧୯ ଜାନୁୟାରୀରେ ହାଇକୋର୍ଟ ଉକ୍ତ କାର୍ଯ୍ୟାଳୟର ନିର୍ମାଣ ଉପରେ ରହିତାଦେଶ ଜାରି କରିଥିଲେ। ଫଳରେ ୨୦୧୯ ମସିହାଠାରୁ ନାକିଚି ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଠେଲକନାଳୀ ପଞ୍ଚାୟତ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ ଚାଲୁ ରହିଥିଲା। ରବିବାର ବ୍ଲକ ପ୍ରଶାସନ ଓ ପଞ୍ଚାୟତର କେତେଜଣ କର୍ମଚାରୀଙ୍କ ଆଲୋଚନା ପରେ ରାତାରାତି ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟକୁ ବିଶିପାଲି ଗ୍ରାମରେ ନିର୍ମାଣ ହୋଇଥିବା କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ଏହି ଘଟଣା ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଏ ନେଇ ଗ୍ରାମବାସୀ ପ୍ରଥମେ ହଣ୍ଡପା ଥାନାରେ ଅଭିଯୋଗ କରିଥିଲେ। ହେଲେ ସେଠାରେ ସେମାନଙ୍କୁ କୌଣସି ପ୍ରକାର ଉତ୍ତର ନ ମିଳିବାରୁ କିଶୋରନଗର ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣକୁ ନେଇ ହାଇକୋର୍ଟରେ ମାମଲା ଥିବାବେଳେ କିଭଳି ରାତି ଅଧିଆ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯାଇଛି ସେ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶିପାଲିଠାରେ ଏହି କାର୍ଯ୍ୟାଳୟ ଚାଲୁ ହେଲେ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଗ୍ରାମବାସୀ କହିଛନ୍ତି। ଏହି ମାମଲା କୌଣସି ସମାଧାନ ନ ହେବା ପର୍ଯ୍ୟନ୍ତ ନାକିଚି ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ପୂର୍ବପରି ଅସ୍ଥାୟୀ କାର୍ଯ୍ୟାଳୟ ଚାଲୁ ରଖିବା ପାଇଁ ଉର ମୁଣ୍ଡା, ତିଳୋତ୍ତମା ଦେହୁରୀ, ଲକ୍ଷ୍ମୀ ପ୍ରଧାନ, ହେମଲତା ମିର୍ଦ୍ଧା, ପ୍ରଭାସିନୀ ପ୍ରଧାନ, ପ୍ରଭାତୀ ଭୋଇ, ବନିତା ଭୋଇ, ରୀନା ବସଲା, କାମିନୀ ବସଲା ପ୍ରମୁଖ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ କିଶୋରନଗର ଅତିରିକ୍ତ ବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ କହିଛନ୍ତି, ଘଟଣା ଉପରେ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ।




ବ୍ଲକ ସମ୍ମୁଖରେ ଠେଲକନାଳୀ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଇଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।

# ଜଳାଭିଷେକ ପୂର୍ବରୁ ଭାସିଗଲେ କାଉଡ଼ିଆ

**ପରଜଙ୍ଗ, ୧।୮ (ଡି.ଏନ.ଏ.)**

ଶ୍ରାବଣରେ ମହାଦେବଙ୍କୁ ଜଳାଭିଷେକ କରିବାକୁ ଆସିଥିବା ଜଣେ ନାବାଳକ କାଉଡ଼ିଆ ସୋମବାର କେନାଲରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଏଭଳି ଅଘଟଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ କୁଆଲୋ ଗାଁସ୍ଥିତ ରେଙ୍ଗାଳି ବାମ ପାର୍ଶ୍ୱ କେନାଲରେ। ନିଖୋଜ କାଉଡ଼ିଆ ଜଣଙ୍କ ହେଲେ ତାଳଚେର ଅଞ୍ଚଳର ଶ୍ୟାମ ସୁନ୍ଦର ବାରିକ (୧୬)। ଶ୍ୟାମ ସୁନ୍ଦର ନିଜ ୨ ସାଙ୍ଗଙ୍କ ସହିତ ଜଳାଭିଷେକ କରିବା ପାଇଁ କୁଆଲୋ ଗ୍ରାମସ୍ଥିତ ବାବା ଅଷ୍ଟଶମ୍ଭୁ ମନ୍ଦିରକୁ ଆସିଥିଲେ। ମନ୍ଦିର ନିକଟ ରେଙ୍ଗାଳି ବାମ ପାର୍ଶ୍ୱ କେନାଲରେ ଗାଧୋଉଥିବା ବେଳେ ଜଳସ୍ରୋତରେ ଶ୍ୟାମ ସୁନ୍ଦରଙ୍କ ସହ ଅନ୍ୟ ଜଣେ ଭାସିଯାଇଥିଲେ। କୂଳରେ ବସିଥିବା ସାଙ୍ଗମାନେ ଜଣଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ ହେଁ ଶ୍ୟାମ ସୁନ୍ଦରଙ୍କୁ ଉଦ୍ଧାର କରିପାରି ନ ଥିଲେ। ଖବରପାଇ ପରଜଙ୍ଗ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ଭାସିଯାଇଥିବା ନାବାଳକ କାଉଡ଼ିଆଙ୍କୁ ଉଦ୍ଧାର ପାଇଁ ଖୋଜାଖୋଜି ଜାରି ରଖିଛନ୍ତି। ଦୀର୍ଘ ସମୟ ଧରି ଉଦ୍ଧାର କାର୍ଯ୍ୟ ଚାଲିଥିଲେ ହେଁ ସୁଫଳ ମିଳିନାହିଁ। ପରଜଙ୍ଗ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।



ରେଙ୍ଗାଳି ବାମପାର୍ଶ୍ୱ କେନାଲ।

# ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା ମିଳିବ

## ଇଟେକ୍‌ର ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

**ଢେଙ୍କାନାଳ ଅଫିସ,୧।୮**

ଢେଙ୍କାନାଳ ସହର ଉପକଣ୍ଠ ମଙ୍ଗଳପୁରଠାରେ ଥିବା ଇଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚଳିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଇଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୦ ଛାତ୍ର ଏବଂ ଇଟେକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଗୌରବ ଆଣିଛନ୍ତି। ଏହି ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଅଧ୍ୟକ୍ଷ ଡ. ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାରେ ମାନପତ୍ର, ପୁଷ୍ପଗୁଚ୍ଛ, ନଗଦ ଅର୍ଥରାଶି ସହିତ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇଟେକର ଅନ୍ୟତମ ନିର୍ଦ୍ଦେଶକ ମନୋଜ ରାଉତ, ସଭାପତି ସୁପ୍ରଭା ଶତପଥୀ, ସମ୍ପାଦିକା ସାଗରବାଳା ହୋତା, ଉପାଧ୍ୟକ୍ଷ ଅନିଲ ଗୋଛାୟତ, ଇଟେକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସାରଦା ପ୍ରସାଦ ମହାନ୍ତି ଏବଂ ଅନୁଷ୍ଠାନର ସମସ୍ତ ବିଭାଗର ଅଧ୍ୟାପିକା ଅଧ୍ୟାପକମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଏହି ସଫଳତା ପାଇଁ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁଭଜିତ ସ୍ୱାଇଁ ୫୭୫, ବିଜୟଲକ୍ଷ୍ମୀ ବିଶ୍ୱାଳ ୫୬୬, ସୌମ୍ୟରଞ୍ଜନ ସାହୁ ୫୬୪, ନୀଳମାଧବ ମିଶ୍ର ୫୬୩, ସତ୍ୟଜିତ ମିଶ୍ର ୫୫୯, ଲକ୍ଷ୍ମୀପ୍ରିୟା ସାହୁ ୫୫୯, ଶୁଭସ୍ମିତା ବେହେରା ୫୫୮, ସତ୍ୟକାମ ପାଢୀ ୫୫୭, ଅନନ୍ୟା ନାୟକ ୫୫୩, ଅଙ୍କିତା ରାଉତ ୫୫୩, ଶର୍ମିଷ୍ଠା ସାହୁ ୫୫୩, ଅନ୍ନଦା ପ୍ରସାଦ ସାମଲ ୫୫୨ ଏବଂ ଅନ୍ୟ ସମସ୍ତ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡ. ସୁରେଶ ମିଶ୍ର କହିଲେ, ଦୃଢ ଇଚ୍ଛାଶକ୍ତି ଥିଲେ ସଫଳତା ମିଳିପାରିବ। ନିରବଚ୍ଛିନ୍ନ ପରିଶ୍ରମ କରି ନିଜ ପ୍ରତିଭାକୁ ଚିହ୍ନି ତାକୁ କାର୍ଯ୍ୟରେ ଲଗାଇଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ଏବଂ ସବୁ ସ୍ୱପ୍ନ ସାକାର ହୋଇପାରିବ। ଏହାପରଠାରୁ ନିଜନିଜ ଲକ୍ଷ୍ୟସ୍ଥଳ ବାଛିନେଇ ସେହି ଦିଗରେ ଅଗ୍ରସର ହୋଇ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ସୁରେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଯୁବବର୍ଗଙ୍କୁ ଉତ୍ସାହିତ କରାଯିବ

## ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ସମ୍ପର୍କିତ ବୈଠକ

**ଢେଙ୍କାନାଳ ଅଫିସ,୧।୮**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ସୋମବାର ଭୋଟର ତାଲିକା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ ନୂତନ ଯୁବ ବର୍ଗଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସମସ୍ତ ପ୍ରକାର ପ୍ରଚାର କରାଯାଇ ଉତ୍ସାହିତ କରାଯିବ ବୋଲି କହିଥିଲେ। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଏଣିକି ପ୍ରତିବର୍ଷ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବ। ଏଥିନିମିତ ନିର୍ଦ୍ଦିଷ୍ଟ ତାରିଖଗୁଡିକ ହେଲା ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧। ଭୋଟର ତାଲିକାରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ କରିବା, ଅନୁପସ୍ଥିତ କିମ୍ବା ସ୍ଥାନାନ୍ତର ହୋଇଥିବା ଏବଂ ମୃତ ବ୍ୟକ୍ତିଙ୍କ ନାମକୁ ତାଲିକାରୁ ବାଦ ଦେବା ସହିତ ନାମକୁ ସଂଶୋଧନ କରିବା। ଉପରୋକ୍ତ ଧାର୍ଯ୍ୟ ହୋଇଥିବା ତାରିଖ ସୁଦ୍ଧା ଯେଉଁମାନଙ୍କ ବୟସ ୧୮ବର୍ଷ ହୋଇଥିବ, ସେମାନେ ନୂତନ ଭୋଟର ଭାବେ ନିଜର ନାମକୁ ପଞ୍ଜୀକରଣ କରିପାରିବେ। ସେମାନେ ଅନ୍‌ଲାଇନ ମାଧ୍ୟମରେ ଫର୍ମ ୬ରେ ନାମ ପଞ୍ଜୀକରଣ କରିପାରିବେ। ଅଥବା ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀ କିମ୍ବା ସହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ଭୋଟର ତାଲିକାରୁ ନାମକୁ ବାଦ ଦେବା ପାଇଁ ଅନ୍‌ଲାଇନ ମାଧ୍ୟମରେ ଫର୍ମ ନଂ–୭ରେ ଆବେଦନ କରିପାରିବେ। ବାସସ୍ଥାନ ସ୍ଥାନାନ୍ତରଣ ଓ ସଂଶୋଧନ ପାଇଁ ଫର୍ମ–୮ରେ ଆବେଦନ କରିପାରିବେ। ଏଥିସହ ଭାରତର ନିର୍ବାଚନ ଆୟୋଗ ୧।୮।୨୦୨୨ରୁ ୩୦।୪।୨୦୨୩ ପର୍ଯ୍ୟନ୍ତ ଜିଲାର ସମସ୍ତ ପଞ୍ଜୀକୃତ ଭୋଟରଙ୍କ ଠାରୁ ଆଧାର ନମ୍ବର ସଂଗ୍ରହ କରାଯିବାକୁ ଅନୁରୋଧ କରିଛନ୍ତି। ମତଦାତାଙ୍କ ଆଧାର ନମ୍ବରକୁ ଭୋଟର ତାଲିକାରେ ସଂଯୋଗୀକରଣ କରିବା ଓ ସତ୍ୟତା ପ୍ରତିପାଦନ କରିବା ଏହାର ଉଦ୍ଦେଶ୍ୟ। ହେଲେ ବାଧ୍ୟତାମୂଳକ ନୁହେଁ। ସମସ୍ତ ମତଦାତା ସ୍ୱେଚ୍ଛାକୃତ ଭାବରେ ଫର୍ମ–୬(ବି) ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଅଥବା ସହ ପଞ୍ଜୀକରଣ ଅଧିକାରୀଙ୍କ ମାଧ୍ୟମରେ ନିଜ ଆଧାର ନମ୍ବରକୁ ଭୋଟର ତାଲିକାରେ ସଂଯୋଗୀକରଣ କରିପାରିବେ। ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ(ସାଧାରଣ), ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର(ରାଜସ୍ୱ), ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଇଲେକ୍ସନ ୱାଚ୍ ଆବାହକ ଶେଷଦେବ ରାଉତଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଭୋଟର ତାଲିକାରେ ନୂତନ ଯୁବବର୍ଗଙ୍କ ଅନ୍ତର୍ଭୁକ୍ତି ସମ୍ପର୍କରେ ଆଲୋଚନା କରିଥିଲେ।



ଭୋଟର ତାଲିକା ସମ୍ପର୍କିତ ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଜିଲା କାରାଗାରରେ ଆଧାତ୍ମିକ ସମାବେଶ

**ଢେଙ୍କାନାଳ ଅଫିସ,୧।୮**

ଢେଙ୍କାନାଳ ଜିଲା କାରାଗାରରେ ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଏକ ଆଧାତ୍ମିକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। କାରାଗାର ଭାରପ୍ରାପ୍ତ ଅଧୀକ୍ଷକ ପ୍ରସନ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ସମାବେଶରେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଜାତିବାଦର ଊର୍ଦ୍ଧ୍ୱରେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କାରା ମଙ୍ଗଳ ଅଧିକାରୀ ସଂଗ୍ରାମ କୁମାର ମଲ୍ଲିକ ଧର୍ମ ମାର୍ଗରେ ଚାଲିଲେ ସ୍ଥାୟୀ ଶାନ୍ତି ମିଳିପାରିବ ବୋଲି ଅନ୍ତେବାସୀଙ୍କୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସକ ଡା. ରବୀନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଭୁଙ୍କ ନିକଟରେ ସର୍ବୋତ ଭାବେ ଆତ୍ମ ସମର୍ପଣ କଲେ ସେ ସୁରକ୍ଷା ଦେଇଥାନ୍ତି ବୋଲି କହିଥିଲେ। କଟକ ଜିଲା ସାଲେପୁର ଯୁବ ପ୍ରବଚକ ସ୍ମୃତିରଞ୍ଜନ ସାହୁ ଓ ତାଙ୍କ ସହଯୋଗୀମାନେ ସଙ୍ଗୀତ, ବାଦ୍ୟ ମାଧ୍ୟମରେ ଆଧାତ୍ମିକ ପ୍ରବଚନ ଦେଇଥିଲେ। ସହକାରୀ ଜେଲର ରାମଚନ୍ଦ୍ର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।




କାରାଗାରରେ ଆଧାତ୍ମିକ ସମାବେଶରେ ଉପସ୍ଥିତ ଅତିଥିମାନେ।

# ବରିଷ୍ଠ ନାଗରିକ ଦମ୍ପତି ସମ୍ବର୍ଦ୍ଧିତ

**ଢେଙ୍କାନାଳ ଅଫିସ,୧।୮**

ଢେଙ୍କାନାଳ ସହରସ୍ଥିତ ବରିଷ୍ଠ ନାଗରିକ ଦମ୍ପତି ଉମେଶ ଚନ୍ଦ୍ର ନନ୍ଦ(୯୬) ଓ ସୌଭାଗିନୀ ନନ୍ଦ(୯୦)ଙ୍କୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ସନ୍ଧ୍ୟାରେ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ସଭାପତି ପ୍ରହ୍ଲାଦ ତ୍ରିପାଠୀଙ୍କ ନେତୃତ୍ୱରେ ପୂର୍ଣ୍ଣଚନ୍ଦ୍ର ଶତପଥୀ, କୃଷ୍ଣ ମୋହନ ସାହୁ, କୈଳାସ ଚନ୍ଦ୍ର ପଟ୍ଟନାୟକ ଓ ବୈକୁଣ୍ଠନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉମେଶଚନ୍ଦ୍ର ନନ୍ଦ ସ୍ୱାସ୍ଥ୍ୟ ବିଭାଗରେ ବରିଷ୍ଠ କିରାଣି ଭାବେ ୩୫ ବର୍ଷ ଚାକିରି କରିବା ପରେ ୧୯୮୭ରେ ଅବସରଗ୍ରହଣ କରିଥିଲେ। ଏହାପରେ ସେ ସାମ୍ବାଦିକତା କରିଥିଲେ। ତାଙ୍କର ସ୍ତ୍ରୀ ଜଣେ ଆଦର୍ଶ ଗୃହିଣୀ। ୫ ପୁତ୍ରଙ୍କ ମଧ୍ୟରୁ କବି ମନୋରଞ୍ଜନ ନନ୍ଦ ଜ୍ୟାଷ୍ଠ ହୋଇଥିବା ବେଳେ ସାହିତ୍ୟିକା ରେଣୁବାଳା ନନ୍ଦ ତାଙ୍କର ପୁତ୍ରବଧୂ।

# ସହକାରୀ ଶିକ୍ଷକଙ୍କ ଅବସରଗ୍ରହଣ

**ଢେଙ୍କାନାଳ ଅଫିସ,୧।୮**

ଢେଙ୍କାନାଳ ସହରସ୍ଥିତ ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁବାସ କୁମାର ନନ୍ଦ ସୋମବାର ଅବସରଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ଶିକ୍ଷକ ସାଧାରଣ ପ୍ରକୋଷ୍ଠରେ ଆୟୋଜିତ ବିଦାୟକାଳୀନ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ସଭାପତିତ୍ୱ କରି ସୁବାସ କୁମାର ନନ୍ଦଙ୍କ ବହୁବିଧ ଗୁଣାବଳୀର ସ୍ମୃତିଚାରଣ କରିବା ସହିତ ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ଅବସରଗ୍ରହଣ କରିଥିବା ସହକାରୀ ଶିକ୍ଷକ ନିଜର ସଫଳ ଶିକ୍ଷା ଜୀବନର ଅବିସ୍ମରଣୀୟ ସ୍ମୃତିକୁ ରୋମନ୍ଥନ କରିଥିଲେ। ବିଜ୍ଞାନ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବିଜୟରଶ୍ମୀ ମିଶ୍ର, ସ୍ୱେତପଦ୍ମା ମିଶ୍ର, ସ୍ୱର୍ଣ୍ଣମୟୀ ଶତପଥୀ, ଇତିଶ କୁମାର ବରାଳ, ଅନୁପମା ପଣ୍ଡା, ଦୀପ୍ତିଶ କୁମାର ଶତପଥୀ, କଲ୍ୟାଣୀ ବଡଜେନା ସ୍ୱରଚିତ କବିତା ଗାନ କରିଥିଲେ। ଅବସରଗ୍ରହଣ କରିଥିବା ସହକାରୀ ଶିକ୍ଷକ ସୁବାସ କୁମାର ନନ୍ଦ, ସମର ଶିକ୍ଷାର୍ଥୀ ସ୍ଥଳବାହିନୀ, ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ, ଜୁନିୟର ରେଡକ୍ରସ ଓ ବିଦ୍ୟାଳୟର ଉଦ୍ୟାନ ବିଭାଗ ଦାୟିତ୍ୱରେ ରହିଥିଲେ। ଏହି ଅବସରରେ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ଧାନ ବିକିବାକୁ ଅନୁମତି ମିଳୁନି

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ



ଅଭିଯୋଗ ନେଇ ଆସିଥିବା ସାରଙ୍ଗଧର ଟ୍ରଷ୍ଟ ଅଧୀନସ୍ଥ ଚାଷୀମାନେ।

**ଢେଙ୍କାନାଳ ଅଫିସ,୧।୮**

ଢେଙ୍କାନାଳ ଜିଲା ସଦର ବ୍ଲକ ହରେକୃଷ୍ଣପୁର ଗ୍ରାମ ସାରଙ୍ଗଧର ଟ୍ରଷ୍ଟର ସଞ୍ଜାଧାର ଧାନଚାଷୀମାନେ ନିୟମିତ ଭାବେ ଚାଷକରି ଟ୍ରଷ୍ଟକୁ ସଞ୍ଜାଦେଇ ଆସୁଛନ୍ତି। ଅମଳ ଧାନ ବିକ୍ରିପରେ ସଞ୍ଜାଅର୍ଥ ପ୍ରଦାନ କରିବାର ଟ୍ରଷ୍ଟର ବ୍ୟବସ୍ଥା ରହିଛି। ମାତ୍ର ଚାଷୀମାନେ ସରକାରଙ୍କ ଠାରୁ ଅମଳ ଧାନ ବିକ୍ରି କରିବାରେ ଅନୁମତି ପାଉ ନ ଥିବାରୁ ଶାଗମାଛ ଦରରେ ବେପାରୀମାନଙ୍କୁ ଧାନବିକ୍ରି କରି କ୍ଷତିଗ୍ରସ୍ତ ହେଉଛନ୍ତି। ଏ ସଂକ୍ରାନ୍ତରେ ଚାଷୀମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ସଞ୍ଜା ପ୍ରଦାନ ନିମନ୍ତେ ଚାଷକରି ଧାନ ବିକ୍ରି କରୁଥିବା ଚାଷୀମାନଙ୍କୁ ସେବା ସମବାୟ ସମିତିରେ ଜମି ମାଲିକଙ୍କ ଆଧାର ସମେତ ଅନ୍ୟାନ୍ୟ କାଗଜପତ୍ର ଦେବାକୁ କୁହାଯାଉଛି। କିନ୍ତୁ ଟ୍ରଷ୍ଟର ଚାଷୀମାନେ ଉପରୋକ୍ତ ଦସ୍ତାବିଜ ଦେଇପାରୁନାହାନ୍ତି। ସେହିପରି ରାଜ୍ୟ ସରକାର ଧାନ କୁଇଣ୍ଟାଲ ପ୍ରତି ୨୯୫୦ ଟଙ୍କା ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ କରିଥିବା ସୁପାରିସ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ। ଚାଷୀମାନ ସରକାରଙ୍କୁ ଧାନ ବିକ୍ରି କରିବାର ଅନୁମତି ପାଉ ନ ଥିବାରୁ ବେପାରୀମାନଙ୍କୁ ୧୦୦୦ରୁ ୧୫୦୦ଟଙ୍କାରେ ଧାନ ବିକ୍ରି କରୁଛନ୍ତି। ଏଣୁ ସଞ୍ଜା ଚାଷୀମାନଙ୍କୁ ସରକାରଙ୍କୁ ଧାନ ବିକ୍ରି କରିବା ପାଇଁ ଅନୁମତି ଦେବାକୁ ଚାଷୀ କୃତ୍ତିବାସ ବିଶ୍ୱାଳ, ଗୁରୁବାରୀ ସାହୁ, ସନାତନ ବେହେରା, ପ୍ରକାଶ ବେହେରା, ଭୋଳେଶ୍ୱର ବେହେରା, ଗୋକୁଳା ନାୟକ ପ୍ରମୁଖଙ୍କ ସମେତ ବହୁ ଚାଷୀ ଅଭିଯୋଗ କରିଛନ୍ତି।

# ୨୫ ଟଙ୍କାରେ ଜାତୀୟ ପତାକା

**ଢେଙ୍କାନାଳ ଅଫିସ,୧।୮**

ଢେଙ୍କାନାଳ ଡାକଘର ପରିସରରେ ଶୁକ୍ରବାରଠାରୁ ଜାତୀୟ ପତାକା ବିକ୍ରି ଆରମ୍ଭ ହେବା ସହିତ ଏକ ସେଲଫି ପଏଣ୍ଟ ମଧ୍ୟ ଉଦ୍‌ଘାଟିତ ହୋଇଛି। ଢେଙ୍କାନାଳ ମିଲିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଢେଙ୍କାନାଳ ଡାକ ମଣ୍ଡଳ ଅଧୀକ୍ଷକ ଜଗଦିଶ ଦାସ, ସହ ଡାକ ଅଧୀକ୍ଷକ ନୀଳମଣି ଜେନା, ଢେଙ୍କାନାଳ ପ୍ରଧାନ ଡାକଘର ଡାକପାଳ ସୁରେଶଚନ୍ଦ୍ର ସ୍ୱାଇଁ, ଅଫିସ ସୁପରଭାଇଜର ଶୁଭେନ୍ଦୁ ଦାସ, ସହ ଡାକପାଳ ଅଶୋକ ନନ୍ଦ, ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ବହୁ ଡାକ କର୍ମଚାରୀ ଓ ଗ୍ରାହକ ଉପସ୍ଥିତ ଥିଲେ। ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ଏହାକୁ ସ୍ମରଣୀୟ କରିବା ପାଇଁ ୧୩ରୁ ୧୫ ଅଗଷ୍ଟ ୩ଦିନ ପର୍ଯ୍ୟନ୍ତ ଘରେ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ସରକାର ଭାରତବର୍ଷର ସମସ୍ତ ନାଗରିକଙ୍କୁ ନିବେଦନ କରିଛନ୍ତି। ଭାରତୀୟ ଡାକ ବିଭାଗ ତାର ବିସ୍ତୃତ ୧ ଲକ୍ଷ ୫୯ ହଜାରରୁ ଅଧିକ ଡାକଘର ଏବଂ ଉତ୍ସର୍ଗୀକୃତ କର୍ମଚାରୀଙ୍କ ଶକ୍ତି ସହାୟତାରେ ସ୍ଥାନୀୟ ତଥା ଗ୍ରାମାଞ୍ଚଳର ଲୋକମାନଙ୍କୁ ସଚେତନ କରିବା ସହିତ ସଂସ୍କୃତି ମନ୍ତ୍ରାଳୟ ସହାୟତାରେ ଜାତୀୟ ପତାକା ସମସ୍ତ ଡାକଘରେ ଉପଲବ୍ଧି କରାଇପାରିଛି। ଏଥିସହିତ ଏହି ଜାତୀୟ ଉତ୍ସବରେ ଗର୍ବିତ ଭାବେ ଅଂଶଗ୍ରହଣ କରିଛି। ସମସ୍ତ ନାଗରିକଙ୍କ ପାଇଁ ପ୍ରତ୍ୟେକ ଡାକଘରେ ମାତ୍ର ୨୫ ଟଙ୍କାରେ ଜାତୀୟ ପତାକା ଉପଲବ୍ଧ ହେବ। ଢେଙ୍କାନାଳ ଡାକମଣ୍ଡଳ ତାର ୪୯୫ ଡାକଘର ଏବଂ ଢେଙ୍କାନାଳ ଓ ଅନୁଗୋଳ ଦୁଇଟି ରାଜସ୍ୱ ଜିଲାର ପାଖାପାଖି ୧୫୦୦ରୁ ଅଧିକ କର୍ମଚାରୀଙ୍କ ସାହାଯ୍ୟରେ ପ୍ରତ୍ୟେକ ଡାକଘରେ ଏହା ଉପଲବ୍ଧ କରିବା ପାଇଁ ହୋଇଥିବା ମିଶନକୁ ସଫଳ କରାଯିବ। ଏଥିସହିତ ଢେଙ୍କାନାଳ ଓ ଅନୁଗୋଳ ପ୍ରଧାନ ଡାକଘରେ ଜନସାଧାରଣଙ୍କ ପାଇଁ ଦୁଇଟି ସେଲଫି ପଏଣ୍ଟ ସ୍ଥାପନ କରାଯାଇଛି। ଏହାଦ୍ୱାରା ଜନସାଧାରଣ ନିଜର ସେଲଫି ଉଠାଇ ସୋସିଆଲ ମିଡ଼ିଆ ଗ୍ରୁପରେ ପୋଷ୍ଟ କରିପାରିବେ। ଏଥିସହିତ ହ୍ୱାଟସ୍‌ଆପ୍ ନମ୍ବର ୭୦୦୮୧୪୩୭୬୧ ମାଧ୍ୟମରେ ଘରେ ବସି ଜାତୀୟ ପତାକା କିଣିବା ପାଇଁ ଅର୍ଡର ଦେଇପାରିବେ। ନିକଟସ୍ଥ ଡାକଘର କର୍ମଚାରୀ ଏହାକୁ ଆଣି ବିତରଣ କରିବେ ବୋଲି ସୂଚନା ଦିଆଯାଇଥିଲା। ଜନସମ୍ପର୍କ ନିରୀକ୍ଷକ ଦୀପ୍ତିରଞ୍ଜନ ସାମନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସମସ୍ତ ଡାକଘରେ ହେବ ଉପଲବ୍ଧ




ଡାକଘରେ ଜାତୀୟ ପତାକା ବିକ୍ରିର ଶୁଭାରମ୍ଭ କରାଯାଉଛି।

